## ସଂକ୍ଷେପରେ

### ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବୁଗୁଡା,୬।୧୨(କାଳି ଚରଣ ଦାଶ)

ଗଞ୍ଜାମ ଜତଲା ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡ଼ା ଗାଁର ଜଣେ ଯୁବକ ଗୁଜରାଟର ସୁରଟ ସହରକୁ କାମ କରିବାକୁ ଯାଇଥିବା ବେଳେ ମଙ୍ଗଳବାର ତାଙ୍କର ଅକସ୍ମାତ ମୃତ୍ୟୁ ହୋଇଛି। ମୃତକ ହେଲେ ବଳରାମ ନାୟକ (୨୪)। ବଳରାମ ପ୍ରାୟ ୮ ବର୍ଷ ହେବ ନିଜ ପରିବାର ପ୍ରତିପୋଷଣ ପାଇଁ ସୁରଟ ଯାଇ ଏକ ସୂତାକଳରେ କାମ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ହଠାତ୍ ତାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତେଣୁ ସାଙ୍ଗମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଗାଁରେ ପହଞ୍ଚିବା ପରେ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଅର ଅକସ୍ମାତ ମୃତ୍ୟୁରେ ମା'ଙ୍କ ଆଖିରୁ ଲୁହ ଶୁଖୁନାହିଁ। ବଳରାମ ଜଣେ କଳାକାର, ସାମାଜିକ କର୍ମୀ ଓ ପରୋପକାରୀ ଯୁବକ ଥିଲେ। ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ଭାବେ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହିତ ଘରକୁ ଯାଇ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

### ଏନ୍‌ସିସି ନାଭାଲ ଦିବସ ପାଳିତ

ଭଞ୍ଜନଗର,୬।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ ୱିଙ୍ଗ ପକ୍ଷରୁ ନାଭାଲ ଦିବସ ପାଳିତ ହୋଇଯାଇଛି। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଭାଲ୍ ଦିବସ ସମ୍ପର୍କରେ କହିଥିଲେ। ନାଭାଲ୍ ଅଫିସର ଡ. ରବୀନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କର୍ମଚାରୀ ନିଶାନ୍ତ ଆଦେନୀ, କାଳୀଚରଣ ତ୍ରିପାଠୀ, ପ୍ରଶାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ସହ ଧକ୍କା ହୋଇ ବାଇକ୍ ଚାଳକ ମୃତ

ଧରାକୋଟ,୬।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ବାହାଡ଼ା କେନାଲ ବ୍ରିଜ ସମ୍ମୁଖ ରାଜ୍ୟ ରାଜପଥ ଉପରେ ପାର୍କିଂରେ ଥିବା ଟ୍ରକକୁ ଧକ୍କା ଦେଇ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ରେଙ୍ଗୁଡ଼ିପଲ୍ଲୀ ଗ୍ରାମର ମୁନା ବେହେରା। ମୁନା ତାଙ୍କ ଶାଳୀ ବାହାଘରରେ ଯୋଗ ଦେବାକୁ ଆସିକା ପଟୁ ବନ୍ଧାଗୁଡା ଗ୍ରାମକୁ ବାଇକ୍ (ଓଡ଼ି ୦୭ ଏ ୧୫୦) ଯାଉଥିଲେ। ବାହାଡ଼ାଗୁଡା ନିକଟ ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ ସହ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଆରୋହୀ ମୁନାଙ୍କ ମତ୍ୟୁ ଘଟିଥିଲା। ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇବାସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ପ୍ରସ୍ତୁତି ବୈଠକ

ଗଞ୍ଜାମ,୬।୧୨(ବିଦ୍ୟାଧର ସାହୁ)

ସ୍ଥାନୀୟ ଅଞ୍ଚଳରେ କଳାକାର ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଓ କଳାର ବିକାଶକୁ ନେଇ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଆଗାମୀ ଜାନୁୟାରୀ ୨୬ ରେ ପରିବେଷଣ ହେବାକୁ ଥିବା ନାଟକ ନିମନ୍ତେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଏଲଏମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଶବର କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉତ୍ତମ ପାରିବାରିକ ନାଟକ ଚୟନ କରିବା ସହ ଯୁବ କଳାକାରଙ୍କୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେବାକୁ ଆଲୋଚନା ହୋଇଥିଲା। ବୈଠକରେ ଉପଦେଷ୍ଟା ସୁଧୀର କୁମାର ପାଢ଼ୀ, ଉମାକାନ୍ତ ବେହେରା, ଉପସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ରାକେଶ କୁମାର ଦାସ, ପ୍ରଦୀପ କୁମାର ପଣ୍ଡା, ନୀଳାଞ୍ଚଳ ବାରିକ ପ୍ରମୁଖ ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ବର୍ଷା ଛାଡ଼ିଲେ ଫସଲ କ୍ଷୟକ୍ଷତି ଆକଳନ



ଜିଲ୍ଲାପାଳ ଓ ଅନ୍ୟମାନେ ।

ଛତ୍ରପୁର,୬।୧୨(ସନ୍ତୋଷ ପାଢ଼ୀ): ବାତ୍ୟା 'ମିଗଜୋମ' ପ୍ରଭାବରେ ଗଞ୍ଜାମ ଜିଲାରେ ପାଗ କୋହଲା ରହିଥିଲା । ମଙ୍ଗଳବାରଠାରୁ ଜିଲାରେ ବର୍ଷା ଆରମ୍ଭ ହୋଇଛି। ଏଥି ପୂର୍ବରୁ ଜିଲାସ୍ତରରେ ଏକ ପ୍ରସ୍ତୁତି ବୈଠକ ଆଗତ କରି କୃଷିଜାତ ଦ୍ରବ୍ୟର ସୁରକ୍ଷା ନିମନ୍ତେ କୃଷି ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ଯେଉଁ ଚାଷୀଙ୍କର ଧାନ କଟାଯାଇଛି ତାହା ବିଲରେ ଜମା ନ ରଖି ଉପଯୁକ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରି ରଖିବାକୁ ପରାମର୍ଶ ଦିଆଯାଇଥିଲା । ତଥାପି କେତେକ ସ୍ଥଳରେ ଚାଷ କାର୍ଯ୍ୟ କ୍ଷୟକ୍ଷତି ହୋଇଥିବା ସମ୍ଭାବନା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୁଧବାର ଆଭାସୀ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ କ୍ଷୟକ୍ଷତିର ଆକଳନ ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରି ରଖିବାକୁ କହିଛନ୍ତି। ଏହା ବାଦ୍ କମ ବର୍ଷା ଯୋଗୁଁ ମଧ୍ୟ ଜିଲାର କେତେକ ସ୍ଥାନରେ ଚାଷ କାର୍ଯ୍ୟର କ୍ଷୟକ୍ଷତି ଘଟିଛି । ଏହି ସମସ୍ତ ତଥ୍ୟ ଆକଳନ କରି ରିପୋର୍ଟ ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଭରଣା କରିବା ନିମନ୍ତେ ନିର୍ଦ୍ଦେଶ ପାଇବା ପରେ ପଦକ୍ଷେପ ଗ୍ରହଣ କରାଯିବ। ୫-ଟି ଅନ୍ତର୍ଗତ ଜିଲାରେ ଚାଲିଥିବା ଆମ କଲେଜର ସ୍ମାର୍ଟ କ୍ଲାସ, ଶୌଚାଳୟ, ପାଠାଗାର ଇତ୍ୟାଦିର କାର୍ଯ୍ୟ ଫେବୃୟାରୀ ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଯେଉଁ ମହାବିଦ୍ୟାଳୟଗୁଡିକରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯିବ ତାହାର ଟେଣ୍ଡର ପ୍ରକ୍ରିୟା ଶେଷ କରି କାର୍ଯ୍ୟ ଯେମିତି ଉତ୍ତମମାନର ହେବ ତାହା ମଧ୍ୟ ତଦାରଖ କରିବାକୁ କୁହାଯାଇଛି। ମୋ ସ୍କୁଲ କାର୍ଯ୍ୟକ୍ରମର ୪ର୍ଥ ପର୍ଯ୍ୟାୟ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁଙ୍କ ସମେତ ତିନି ଗୋଟି ଉପଖଣ୍ଡର ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ।

### କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ

ଛତ୍ରପୁର (ଦିଲ୍ଲୀପ ସାମଲ) : ଛତ୍ରପୁର ବ୍ଲକର ହେକ୍ଟର ହେକ୍ଟର ଧାନ କ୍ଷେତଗୁଡିକରେ ବର୍ଷା ପାଣି ଜମିରହିଛି। ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ କ୍ଷେତରେ ପାଣି ଜମିବା ସହିତ ଧାନଗଛ ପଡିଯାଇଥିବା ଦେଖିବାକୁ ମଧ୍ୟ ମିଳିଛି। ବ୍ଲକର କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ଏହାସହିତ ଚାଷୀମାନେ କିପରି ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ କରିପାରିବେ ସେଥିନିମନ୍ତେ ସଚେତନ କରିଛନ୍ତି ଏବଂ କଟା ହୋଇଥିବା ଧାନଗୁଡିକ ସୁରକ୍ଷିତ ସ୍ଥାନରେ ରଖିବା ନିମନ୍ତେ ମଧ୍ୟ ସେମାନେ ଚାଷୀମାନଙ୍କୁ କହିଛନ୍ତି। ଏହି ପରିଦର୍ଶନ ବେଳେ ଛତ୍ରପୁର ଗୋଷ୍ଠୀ କୃଷି ଅଧିକାରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ନିରୁ ନିକୁଞ୍ଜ ବିହାରୀ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ, ନିହାରିକା ପଣ୍ଡା ଓ ମୌସୁମୀ ବେହେରା ପ୍ରମୁଖ ଚାଷ ଜମି ବୁଲି ଦେଖିଛନ୍ତି।

## ବିଳମ୍ବିତ ବୃଷ୍ଟି ସହ ବାତ୍ୟା, ଚାଷୀକୁଳ ସର୍ବସ୍ୱାନ୍ତ

ପାରଳାଖେମୁଣ୍ଡି,୬।୧୨ (ଗିରିଧାରୀ ପରିଛା):

ବାତ୍ୟା 'ମିଗ୍‌ଜମ' ପ୍ରଭାବରେ ମଙ୍ଗଳବାର ରାତିରେ ଗଜପତି ଜିଲାରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ ଅନେକ ଜାଗାରେ କ୍ଷେତରେ ଧାନ ଗଛ ନଇଁ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଚଳିତ ଥର ବିଳମ୍ବ ବୃଷ୍ଟି ସହ ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡି ସ୍ଥିତି ଉପୁଜିଥିଲା। ଏବେ ବାତ୍ୟା ପ୍ରଭାବରେ ବର୍ଷା ଯୋଗୁଁ ଫସଲ ନଷ୍ଟ ଚାଷୀକୂଳକୁ ଶକ୍ତ ଆଘାତ ଲାଗଛି। ପୂର୍ବରୁ ଯେଉଁ ଚାଷୀ ଧାନ ଅମଳ କରିଥିଲେ ସେମାନେ ବିଭିନ୍ନ ସ୍ଥାନରେ ନିଜର ଉତ୍ପାଦିତ ଶସ୍ୟକୁ ଘୋଡାଇ ବିଭିନ୍ନ ଜାଗାରେ ସାଇତି ରଖିଛନ୍ତି। କିନ୍ତୁ ଅଧିକାଂଶ ଚାଷ ଜମିରେ ଫସଲ କଟାଯାଇନାହିଁ। ବର୍ଷା ଯୋଗୁଁ ଅଧିକାଂଶ ଚାଷ ଜମିରେ କ୍ଷତି ହୋଇଛି। ପାଣିରେ ଭିଜି ପାଚିଲା ଧାନ ନଷ୍ଟ ହୋଇଛି। ଆଗକୁ ଅମଳ ଧାନ ସରକାର ନେବା ସମୟରେ ଧାନର ମାନକୁ ନେଇ ଚିନ୍ତାରେ ଚାଷୀ। ସେପଟେ ଧାର, କରଜ କରି ଧାନ ଚାଷ କରିଥିବା ଭାଗ ଚାଷୀ, କ୍ଷୁଦ୍ର ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବର୍ଷା ଜନିତ ନଷ୍ଟ ହୋଇଥିବା ଧାନ ଚାଷ, ମକା ଚାଷ ଓ କପା ଚାଷରୁ କିଛି ବି ଆଦାୟ ହେବା ଆଶା ଦେଖାଯାଉନାହିଁ। ତେଣୁ ସରକାରୀ ସହାୟତା ଏକମାତ୍ର ଭରସା ବୋଲି ଚାଷୀ ହରେକୃଷ୍ଣ ବେହେରା, ଟି ସମେଶୁ, ଟି ରବିକୁମାର, କେଦାର ପାତ୍ର, ଦୁର୍ଯ୍ୟୋଧନ ବରାଡ ପ୍ରମୁଖ କହିଛନ୍ତି। ତେବେ ଚାଷୀଙ୍କ ଯାହା କ୍ଷୟକ୍ଷତି ହୋଇଛି, ତାହାର ଆକଳନ କରି ସରକାରଙ୍କୁ ରିପୋର୍ଟ ଦିଆଯିବ। ପରେ ସରକାର ତାହାର ନିଷ୍ପତି ନେବେ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ ବଳରାମ ସୁବୁଦ୍ଧି ।

## ନବନିର୍ବାଚିତ ଏନ୍‌ଏସି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ନବନିର୍ବାଚିତ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

ଜି.ଉଦୟଗିରି,୬।୧୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍‌ଏସିର ନବନିର୍ବାଚିତ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ସମେତ କାଉନସିଲର ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ସଙ୍ଗୀତା ନାୟକ, ନିଶାରାଣୀ ନାୟକ, ଦୀପକ କୁମାର ନାୟକ, ଲକ୍ଷ୍ମୀପ୍ରିୟା ପରିଛା, ମୋନାଲିଶା ଦଳବେହେରା, ନନ୍ଦିତା ପ୍ରଧାନ, ଯାକେଶ କୁମାର ପ୍ରଧାନ ଓ ବିଧାୟକ ପ୍ରତିନିଧି ଅନୀଲ କୁମାର ଦଳବେହେରା ଉପସ୍ଥିତ ରହି ନୂତନ ଅଧ୍ୟକ୍ଷାଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ଏନ୍‌ଏସି କର୍ମଚାରୀମାନେ ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷା ଶତପଥୀ ସମସ୍ତଙ୍କ ସହଯୋଗରେ ଏନଏସି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ବିକାଶ କାମ କରିବେ ବୋଲି କହିଥିଲେ। ଜି.ଉଦୟଗିରି ବଜାର ବନ୍ଧର ଉନ୍ନତୀକରଣ ସହ ସହରର ସାମୂହିକ ବିକାଶ ତାଙ୍କର ପ୍ରାଥମିକତା ରହିବ ବୋଲି କହିଥିଲେ।

## ଗଞ୍ଜାମ ବିଇଓ ପାଇଲେ ଜାତୀୟ ସମ୍ମାନ

ଗଞ୍ଜାମ,୬।୧୨(ବିଦ୍ୟାଧର ସାହୁ)



ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ମାନିତ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ଆୟୋଜିତ ଦକ୍ଷ ଶିକ୍ଷା ପ୍ରଶାସନ ଓ ନୂତନ ଅଭିନବ ପ୍ରୟାସ ଜାତୀୟ ସମ୍ମାନ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ସମସ୍ତ ରାଜ୍ୟରୁ ଚୟନ ହୋଇଥିବା ୬୦ ଜଣ ଶିକ୍ଷାଧିକାରୀଙ୍କ ମଧ୍ୟରୁ ବେହେରାଙ୍କୁ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ଅଭିବୃଦ୍ଧି ପାଇଁ ତାଙ୍କରି ଦ୍ୱାରା ଆୟୋଜିତ ହେଉଥିବା ପଠନ, ଆବୃତ୍ତି ଓ ଲିଖନ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ନିମନ୍ତେ ଏହି ସମ୍ମାନ ମିଳିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ବିଇଓ ବେହେରା ଖଲ୍ଲିକୋଟ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଓ ସାନଖେମୁଣ୍ଡି ବ୍ଲକ କଙ୍କେରଡ଼ା ନେହେରୁ ବହୁମୁଖୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଥିଲାବେଳେ ପିଲାଙ୍କ ମଧ୍ୟରେ ସର୍ଜନାତ୍ମକ ବିକାଶ ନିମନ୍ତେ ପ୍ରତି ଶନିବାର ଭାଷାକୁ ନେଇ ଖୋଲାମଞ୍ଚ ନାମକ ଏକ କାର୍ଯ୍ୟକ୍ରମ କରୁଥିଲେ, ଯାହାକି ବହୁତ ଆଦୃତ ହୋଇଥିଲା। ୨୦୨୧ ଡିସେମ୍ବରରେ ଗଞ୍ଜାମ ବ୍ଲକକୁ ଆସିବା ପରଠାରୁ ଖୋଲାମଞ୍ଚ କାର୍ଯ୍ୟକ୍ରମକୁ ପଠନ, ଆବୃତ୍ତି ଓ ଲିଖନ କାର୍ଯ୍ୟକ୍ରମ ନାମରେ ପ୍ରତ୍ୟେକ ବିଦ୍ୟାଳୟରେ ଜିଲା ଓ ବ୍ଲକ ଶିକ୍ଷା ପ୍ରଶାସନ ସହଯୋଗ ନେଇ ଆୟୋଜନ କରିଆସୁଛନ୍ତି। ଏହା ଭାରତ ସରକାରଙ୍କ ଦ୍ୱାରା ଚାଲୁଥିବା ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମରେ ସ୍ଥାନ ପାଇଛି। ଦିଲ୍ଲୀରେ ପୁରସ୍କୃତ ହେବା ପରେ ବ୍ଲକର ସିଆରସିସି, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେବା ସହ ସର୍ଜନାତ୍ମକ ଦିଗରେ ସାହାଯ୍ୟ କରିଥିବା ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷକ ସଂଘର ସଞ୍ଜୟ କୁମାର ତରାଇ ଓ ଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ବିଇଓ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଜଣା ଜନ୍ତୁ ଆକ୍ରମଣରେ ୧୫ ଛେଳି ମୃତ

ଶେରଗଡ, ୬।୧୨
(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ନିକଟସ୍ଥ ବାରସିଙ୍ଗି ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଜଣା ଜନ୍ତୁ ଆକ୍ରମଣରେ ୧୫ଟି ଛେଳିଙ୍କ ପ୍ରାଣହାନି ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟିହୋଇଛି। ମେହେଙ୍କାଳ ଗୌଡଙ୍କ ଗୁହାଳରେ ବହୁ ଛେଳି ରହିଥିବା ବେଳେ ସେଥିରୁ ୧୫ଟି ଛେଳିଙ୍କ ମୃତ୍ୟୁ ହୋଇଛି। ସବୁ ଛେଳିଙ୍କ ବେକରେ କାମୁଡ଼ା ଦାଗ ରହିଛି। ବୁଧବାର ସକାଳେ ମେହେଙ୍କାଳ ଉଠି ନିଜ ଗୁହାଳକୁ ଯିବା ପରେ ୧୫ଟି ଛେଳି ମରି ପଡିଥିବା ଦେଖିଥିଲେ। ଏନେଇ ସେ ଗୁହାଳ ଚାରିପାଖ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁରାକ ପାଇପାରିନଥିଲେ। କିଛି ଅଜଣା ଜନ୍ତୁ ରାତିରେ ଗୁହାଳରେ ପଶି ଛେଳିଙ୍କ ବେକକୁ କାମୁଡି ମାରିଥିବା ଅନୁମାନ କରାଯାଉଛି। ଏଣୁ ପ୍ରାଣୀସମ୍ପଦ ବିଭାଗ ତଦନ୍ତ କରି ସହାୟତା ପ୍ରଦାନ ପାଇଁ ମେହେଙ୍କାଳ ଦାବି କରିଛନ୍ତି।

## ହିଞ୍ଜିଳି ଥାନାର ୨ ହୋମ୍‌ଗାର୍ଡ ସମ୍ମାନିତ

ହିଞ୍ଜିଳିକାଟୁ,୬।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନାରେ କାର୍ଯ୍ୟରତ ୨ ହୋମଗାର୍ଡଙ୍କୁ ବୁଧବାର ହୋମଗାର୍ଡ ଦିବସରେ ଜିଲ୍ଲା ପୋଲିସ ପକ୍ଷରୁ ସମ୍ମାନିତ କରାଯାଇଛି। ହୋମଗାର୍ଡ ଉମାଚରଣ ସାହୁ ଓ ରୋହିତ କୁମାର ସ୍ୱାଇଁଙ୍କୁ ଛତ୍ରପୁର ଠାରେ ଗଞ୍ଜାମ ଏସପି ଜଗମୋହନ ମୀନା ପ୍ରଶଂସା ପତ୍ର ଓ ପଦକ ପ୍ରଦାନ କରିଥିଲେ। କଠିନ ପରିସ୍ଥିତିରେ ପରିଶ୍ରମ କରି ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ୨ ହୋମଗାର୍ଡଙ୍କୁ ହିଞ୍ଜିଳି ଥାନାରେ ଆଇଆଇସି ଶ୍ରୀନିବାସ ସେଠୀ ଓ ଅନ୍ୟ ପୋଲିସ ଅଧିକାରୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ୬୧ତମ ଗୃହରକ୍ଷୀ ବାହିନୀ ଦିବସ

ଛତ୍ରପୁର,୬।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

### ଗଞ୍ଜାମ ପୋଲିସ ଜିଲାରେ ୫୩ ସମ୍ବର୍ଦ୍ଧିତ



ଏସପିଙ୍କ ସହ ସମ୍ବର୍ଦ୍ଧିତ ପୋଲିସ କର୍ମଚାରୀ।

ଗଞ୍ଜାମ ଜିଲା ପୋଲିସ ମୁଖ୍ୟାଳୟ ପରେଡ଼ ପଡ଼ିଆରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଯୋଗଦେଇ ୬୧ତମ ଗୃହରକ୍ଷୀ ବାହିନୀ ଦିବସ ଅବସରରେ ଅନୁଷ୍ଠିତ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଛନ୍ତି। ହୋମଗାର୍ଡ ପରେଡ଼ କମାଣ୍ଡାଣ୍ଟ ଏସ. ପର୍ଶୁରାମ ରେଡ୍ଡୀ ପରେଡ଼ ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମାନସ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆନୁଷ୍ଠାନିକ ପରେଡ଼ ସମାପ୍ତି ପରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଗଞ୍ଜାମ ଜିଲାର ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ନିୟୋଜିତ କାର୍ଯ୍ୟ ନିଷ୍ଠାପରତା ଏବଂ ଦକ୍ଷତା ପ୍ରତିପାଦନ କରିଥିବା ୫୩ଜଣ ଗୃହରକ୍ଷୀଙ୍କୁ ଏସ୍‌ପି ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଦକ୍ଷତା ଭିତ୍ତିରେ ଅନ୍ୟୁନ ୮ଜଣ ଗୃହରକ୍ଷୀଙ୍କୁ ବୃତିନାମା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଂଗ୍ରାମ କେଶରୀ ବେହେରା, ରଞ୍ଜିତ କୁମାର ପୃଷ୍ଟି ପ୍ରମୁଖ ବହୁ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ।

### ୪୨ ୟୁନିଟ ରକ୍ତ ସଂଗ୍ରହ

ଆସିକା,୬।୧୨(ସୁରେନ୍ଦ୍ର ନାଥ ସାହୁ)

ଏଚଡଏଫସି ବ୍ୟାଙ୍କ ଆସିକା ଶାଖା ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଏମପ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ ଯୋଗଦେଇ ବ୍ୟାଙ୍କର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସହକାରୀ ଶାଖା ପରିଚାଳକ କାଳୁ ଚରଣ ସାହୁଙ୍କ ନେତୃତ୍ୱରେ ବ୍ୟାଙ୍କ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ଛତ୍ରପୁର,୬।୧୨(ଦିଲୀପ ସାମଲ):

ଗଞ୍ଜାମ ଜିଲାର ଆଞ୍ଚଳିକ କୃଷି ତାଲିମ କେନ୍ଦ୍ରରେ ବିଶ୍ୱ ମୃତ୍ତିକା ଦିବସ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ଶୁଭେନ୍ଦୁ କୁମାର ଦାଶ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ କନ୍ଧ ଜେନା, କୃଷି ବିଜ୍ଞାନ କେନ୍ଦ୍ର-୨ର ମୁଖ୍ୟ ବୈଜ୍ଞାନିକ ସୁଜିତ କୁମାର ନାଥ, ଆଞ୍ଚଳିକ କୃଷି ତାଲିମ କେନ୍ଦ୍ରର ପ୍ରିନ୍ସପାଲ ପ୍ରଦୀପ କୁମାର ନାୟକ, ସରପଞ୍ଚ ନମିତା ମହାକୁଡଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୃତ୍ତିକାର ସୁରକ୍ଷା, ମୃତ୍ତିକାର ସ୍ୱାସ୍ଥ୍ୟ କାର୍ଡ଼ଆବଶ୍ୟକତା, ବିନିଯୋଗ ମୃତ୍ତିକା ସଂରକ୍ଷଣ ଏବଂ ମୃତ୍ତିକା ପରୀକ୍ଷା ଉପରେ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ସବୁକୁ କାର୍ଯ୍ୟକାରୀ କରି ଚାଷୀମାନେ କିଭଳି ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଙ୍କରଖୋଳର ଡି.ଭଗବାନ ଓ ପାଟପୁରର ସତ୍ୟନାରାୟଣଙ୍କୁ ସଫଳ ଚାଷୀଭାବେ ସମ୍ମାନିତ କରାଯାଇଥିଲା। ଏହାସହିତ ୩୦ଜଣ ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣ ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଜିଲା କୃଷି କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ପ୍ରଣତୀ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ



ଆସିକା,୬।୧୨ (ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ ଆସିକା ଶାଖା ପକ୍ଷରୁ ସୋମବାର ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ସଂଘର କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଥିଲା । ଘରୋଇ ବସ ମାଲିକ ସଂଘ ସଭାପତି ସୂର୍ଯ୍ୟକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁରଞ୍ଜନ ରାୟ, ବରିଷ୍ଠ ସାମାଜିକ କର୍ମୀ ଶୂଳପାଣି ଶତପଥୀ, ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆସିକା ଥାନା ଅଧିକାରୀ ସ୍ୱରୂପ କିସନ, ବସନ୍ତ ମଲ୍ଲିକ, ସଂଘର ସମ୍ପାଦକ ସନ୍ତୋଷ କୁମାର ପୋଲାଇ, ଟ୍ରକ ମାଲିକ ସଂଘ ସଭାପିତ ନିଗମାନନ୍ଦ ମହାନ୍ତି, ପରିବେଶବିତ ସଞ୍ଜୟ କୁମାର ନାୟକ ପ୍ରମୁଖ ମଞ୍ଚସୀନ ଥିଲେ । ଏହି ଅବସରରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବାରୁ ଦୁର୍ଘଟଣା ଜନିତ ମୃତ୍ୟୁ ବିରୁଦ୍ଧରେ ସମ୍ମିଳିତ ଉଦ୍ୟମ ଲାଗି ଆହ୍ୱାନ କରାଯାଇଥିଲା । ଟ୍ରାଫିକ ନିୟମକୁ କଡାକଡି ଭାବେ ପାଳନ କରି ଯାନବାହାନ ଚଳାଇବା ସହ ନିଜର ଓ ଅନ୍ୟର ଜୀବନକୁ ବିପଦମୁକ୍ତ କରିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ନିମନ୍ତେ ନିବେଦନ କରାଯାଇଥିଲା ।

## ସଚେତନତା କମାଇଛି ଦୁର୍ଘଟଣାଜନିତ ମୃତ୍ୟୁ ହାର

ଭଞ୍ଜନଗର,୬।୧୨(ବାବୁଲା ପ୍ରଧାନ)



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀ।

### ଭଞ୍ଜନଗର ଉପଖଣ୍ଡ

ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ବୁଧବାର ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଞ୍ଜନଗର ଉପଖଣ୍ଡରେ ଦୁର୍ଘଟଣାଜନିତ ମୃତ୍ୟୁହାର କମିଛି । ୨୦୨୨ରେ ଭଞ୍ଜନଗର ଉପଖଣ୍ଡର ୧୨ଟି ଥାନା ଅଞ୍ଚଳରେ ୧୨୦ ଜଣଙ୍କ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଏବେ ସୁଦ୍ଧା ୭୯ ଜଣଙ୍କ ଜୀବନ ଯାଇଛି। ରାଜ୍ୟ ସରକାରଙ୍କ ଉଚିତ୍ ପଦକ୍ଷେପ, ବିଭିନ୍ନ ବିଭାଗର ସହଯୋଗ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ମୃତ୍ୟୁହାର କମିଛି ବୋଲି ରାୟ କହିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ପରିବହନ ନିୟମକୁ କଡାକଡି ଭାବେ ପାଳନ କରନ୍ତୁ। ରାସ୍ତାରେ ଦୁର୍ଘଟଣାରେ କେହି ଆହତ ହେଲେ ସାହାଯ୍ୟ କରନ୍ତୁ ବୋଲି ସେ କହିଥିଲେ। ସାମାଜିକ କର୍ମୀ ଶୂଳପାଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତ ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ବିଭାସ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶେଫାଳି ପଟ୍ଟନାୟକ,ସୁଧାଶ୍ରୀ ନାୟକ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସୁନିତା ଖଣ୍ଡୁଆଳ, ଅନିତା ମହାପାତ୍ର, ସସ୍ମିତା ଦାସ, କଳ୍ପନା ଷଣ୍ଢ, ଅଧ୍ୟାପକ ସନାତନ ବେହେରା, ଦୁର୍ଗାପ୍ରସାଦ ସାହୁ, ଡ. ରବୀନ୍ଦ୍ର ମିଶ୍ର, ବିଦେଶୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ସୋରଡା**

- ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ। ସ୍ଥାନ- ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ। ସମୟ -ଅପରାହ୍ନ ୨ଟା୧୫

# ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଲା ବର୍ଷା

ବ୍ରହ୍ମପୁର,୬।୧୨ (ସ୍ମୃତି ରଞ୍ଜନ ମହାଲିକ)

### ଶତାଧିକ ଏକର ଜମିର ଧାନ ଫସଲ ପାଣିରେ ବୁଡ଼ିଗଲା



କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଖୋଳି ପଞ୍ଚାୟତରେ ଅମଳ ଧାନ ବର୍ଷା ଜଳରେ ବୁଡି ରହିଛି।

ବାତ୍ୟା ମିଗଜୋମ ପ୍ରଭାବରେ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହୋଇଛି। ଧାନ କଟା ହୋଇ ବିଲରେ ପଡିଥିବାରୁ ବର୍ଷା ଯୋଗୁ ଶତାଧିକ ଏକର ଜମିର ଫସଲ ପାଣିରେ ବୁଡିଯାଇଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଥିବା ଜିଲାର ଚାଷୀମାନଙ୍କ ଅଣ୍ଟା ଭାଙ୍ଗିଯାଇଛି। ମଙ୍ଗଳବାର ରାତିରୁ ପ୍ରବଳ ବର୍ଷା ଆରମ୍ଭ ହୋଇ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଲାଗି ରହିଥିଲା। ସନ୍ଧ୍ୟା ସୁଦ୍ଧା ଛତ୍ରପୁରରେ ୪୧.୩ ଓ ଗୋପାଳପୁରରେ ୪୨ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ଆକଳନ କରିଛି। ତେବେ ଡିସେମ୍ବର ଆରମ୍ଭରୁ ଥଣ୍ଡାର ପ୍ରକୋପ ନ ଥିବା ବେଳେ ମଙ୍ଗଳବାରଠାରୁ ବର୍ଷା ପ୍ରଭାବରେ ୨ ଦିନ ଧରି ତାପମାତ୍ରାରେ ପରିବର୍ତ୍ତନ ଘଟିଛି। ଥଣ୍ଡାର ପ୍ରକୋପ ବୃଦ୍ଧି ପାଇଛି। ଅନ୍ୟପଟେ ଧାନ ଅମଳ ସମୟରେ ଏଭଳି ବର୍ଷା କାରଣରୁ ଜିଲାର ବିଭିନ୍ନ ବ୍ଲକରେ ଚାଷ ଜମି ଜଳାର୍ଣ୍ଣବ ହୋଇଯାଇଛି। ଚଳିତ ବର୍ଷ ବର୍ଷାର ପରିମାଣ କମ କାରଣରୁ ଜିଲାର ବିଭିନ୍ନ ବ୍ଲକରେ ବିଳମ୍ବରେ ଚାଷ ଆରମ୍ଭ ହୋଇଥିଲା। ବର୍ଷା ଅଭାବରୁ ତଳି ପୋଡାଠାରୁ ଆରମ୍ଭ କରି ଜମି ମଧ୍ୟ ଟାଙ୍ଗରା ଭୂମି ପାଲଟିଥିଲା। ଫଳରେ ଚାଷୀ ଋଣ ଭାର ସାଙ୍ଗକୁ ମରୁଡି ସ୍ଥିତିକୁ ନେଇ ମୁଣ୍ଡରେ ହାତ ଦେଇ ବସିଥିଲେ। ଏଭଳି ସ୍ଥଳେ ଜଳ ସେଚନ ବିଭାଗର ଜଳ ଯୋଗାଣ ଓ ଜଳାଶୟର ପାଣି ସହାୟତାରେ ଧାନ ଚାଷକୁ କିଛିଟା ମାତ୍ରାରେ ସହାୟ ହୋଇଥିଲା। ଯାହାକୁ ନେଇ ଚାଷୀ ମହଲ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ଜିଲାର ୧ ଲକ୍ଷ ୭୯ ହଜାର ହେକ୍ଟର ଚାଷ ଜମିରେ ହୋଇଥିବା ଧାନ ଫସଲରୁ ବର୍ତ୍ତମାନ ପ୍ରାୟ ୨୦% ଧାନ କଟାଯାଇଥିବା ଅନୁମାନ କରାଯାଉଛି। ଆହୁରି ୮୦ ପ୍ରତିଶତ ଫସଲ ବିଲରେ ପଡ଼ିଛି। କିନ୍ତୁ ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷାରେ ବିଲରେ ପଡି ରହିଥିବା ଅମଳ ଧାନ ସଂପୂର୍ଣ୍ଣ ନଷ୍ଟ ହେବା ନେଇ ଆଶଙ୍କା କରାଯାଉଛି। ଜିଲା କୃଷି ବିଭାଗ ପକ୍ଷରୁ ଆଗୁଆ ସୂଚନା ପୂର୍ବକ ଚାଷୀଙ୍କୁ ଅମଳ ଧାନ ସୁରକ୍ଷିତ ସ୍ଥାନକୁ ନେବା ଓ ଜରି ପାଲ ଘୋଡାଇ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। କିନ୍ତୁ କମ ସମୟ ମଧ୍ୟରେ ଅମଳ ଧାନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ସମ୍ଭବ ହୋଇପାରି ନାହିଁ। ଫଳରେ କଟାଯାଇଥିବା ଧାନ ଫସଲ ପାଣି ମଧ୍ୟରେ ପଡି ରହିଛି।

କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଖୋଳି ପଂଚାୟତର ଧାନ ବିଲ ଗୁଡିକରେ କଟା ଯାଇଥିବା ଧାନ ପାଣିରେ ବୁଡି ରହିଛି। ଧାନ ସୁରକ୍ଷା ପାଇଁ ଚାଷୀ ପାଲ ସମେତ ଅନ୍ୟାନ୍ୟ ଉପାୟ ଅବଲମ୍ବନ କଲେ ବି ତାହା ସଫଳ ହୋଇପାରି ନାହିଁ। ଫଳରେ ପାଣିରେ ବୁଡି ରହିଥିବା ଧାନ ଫସଲକୁ ନେଇ ଚାଷୀ ଚିନ୍ତା ପ୍ରକଟ କରିଛି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ କହିଛନ୍ତି ଯେ, ବର୍ତ୍ତମାନ ସର୍ଭେ ଚାଲିଛି। ଜିଲାର କେଉଁ କେଉଁ ଅଂଚଳରେ ଧାନ ଫସଲ ବର୍ଷା ପ୍ରଭାବରେ କ୍ଷୟକ୍ଷତି ହୋଇଛି ସେ ନେଇ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ବର୍ଷା ପାଣିରେ ବୁଡି ରହିଥିବା ଅମଳ ଧାନ ସଂଗ୍ରହ କରିବା କ୍ଷେତ୍ରରେ ସହାୟତା ଯୋଗାଇବା ପାଇଁ ବହୁ ଚାଷୀ ଦାବି କରିଛନ୍ତି।

## ଆକ୍ରମଣ ମାମଲା, ସମ୍ପର୍କୀୟ ଭାଇ ଜେଲ ଗଲେ

ଦିଗପହଣ୍ଡି,୬।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ବଡଡୁମୁଲା ଗ୍ରାମରେ ପୁରୋହିତ ଗୋଦାବରୀ ପଣ୍ଡାଙ୍କୁ ଆକ୍ରମଣ ମାମଲାରେ ପୋଲିସ ତାଙ୍କ ସମ୍ପର୍କୀୟ ଭାଇ ବଡଡୁମୁଲାର ସୀମାଞ୍ଚଳ ପଣ୍ଡାଙ୍କୁ ଗିରଫ କରିଛି। ଗତ ରବିବାର ଝଗଡାପଲି ଗ୍ରାମରେ ଅଷ୍ଟପ୍ରହର ନିମନ୍ତେ ଗ୍ରାମବାସୀ ପୂଜକ ଭାବେ ଗୋଦାବରୀଙ୍କୁ ନିମନ୍ତ୍ରଣ କରିଥିଲେ। ସୀମାଞ୍ଚଳ ସେଠାରେ ପହଞ୍ଚି ଗୋଦାବରୀଙ୍କୁ ଧମକ ଦେଇଥିଲେ। ସୋମବାର ଗୋଦାବରୀ ସାଇକେଲରେ ଯାଉଥିବା ବେଳେ ଗାଁ ଦାଣ୍ଡରେ ସୀମାଞ୍ଚଳ ତାଙ୍କୁ କାତିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଗୋଦାବରୀଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏତଲା ପରେ ପୋଲିସ ବୁଧବାର ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶହୀଦ ପି.ରବି କୁମାରଙ୍କ ଶେଷକୃତ୍ୟ ସମ୍ପନ୍ନ

ପାରଳାଖେମୁଣ୍ଡି, ୬।୧୨ (ଗିରିଧାରୀ ପରିଛା)



ଗଜପତି ଜିଲା କାଶୀନଗର ବ୍ଲକ ରାଣୀପେଣ୍ଠ ଗ୍ରାମର ଶହୀଦ ଯବାନ ପିଲା ରବି କୁମାର(୩୬)ଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସେ ମଧ୍ୟପ୍ରଦେଶର ଗୋୱାଲିୟରଠାରେ ସିଗ୍ନାଲ ମ୍ୟାନ ଭାବେ କାର୍ଯ୍ୟରତ ଥିଲେ। ଗତ ୨୭ ତାରିଖରେ ଦୁର୍ଘଟଣାର ଶିକାର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ବୁଧବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଥିଲା। ରାଣୀପେଣ୍ଠ ଗ୍ରାମବାସୀ ତ୍ରିରଙ୍ଗା ପତାକା ଧରି ରବିକୁମାର ଅମର ରହେ ସ୍ଲୋଗାନ ଦେଇ ବାଇକ ରାଲିରେ ତାଙ୍କ ବାସଭବନକୁ ନେଇଥିଲେ। ଗାଁ ଶ୍ମଶାନରେ ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ମାଲ୍ୟାର୍ପଣ କରିଥିବା ବେଳେ ପୋଲିସ ବାହିନୀ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେବା ପରେ ଶେଷକୃତ୍ୟ ହୋଇଥିଲା।

## 'ମୃତ୍ୟୁ ଶୂନ୍ୟ ସପ୍ତାହ': ୫ ଦିନରେ ୩ ଜୀବନ ଗଲାଣି

ବ୍ରହ୍ମପୁର, ୬।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଗତ ୧ ତାରିଖରୁ 'ମୃତ୍ୟୁ ଶୂନ୍ୟ ସପ୍ତାହ' ଆରମ୍ଭ ହୋଇଛି। ଦୁର୍ଘଟଣାରେ ଯେପରି କେହି ମୃତାହତ ନ ହେବେ ସେଥିପାଇଁ ପ୍ରଶାସନ ପଦକ୍ଷେପ ନେଇଛି। ଜିଲା ସଡକ ସୁରକ୍ଷା ସମିତିର ବୈଠକରେ ଜିଲାପାଳ, ଏସପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଦୁର୍ଘଟଣା କୁ କିପରି ନିୟନ୍ତ୍ରଣ କରିହେବ ସେ ନେଇ ବ୍ଲୁ -ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ହେଲେ ପ୍ରଥମ ଦିନ ଅର୍ଥାତ ଡିସେମ୍ବର ୧ ତାରିଖରେ ଘଟିଛି ଅଘଟଣ। ସଦର ଥାନା ଆମ୍ବଗଡ ଛକରେ ଗାଡି ଧକ୍କାରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତ ମହିଳା ଜଣଙ୍କ ଏ.କମଳୀ ପାତ୍ର। ସେ ଉକ୍ତ ଦୁର୍ଘଟଣା ପ୍ରବଣ ଅଂଚଳରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଉତ୍ତ୍ୟକ୍ତ ଲୋକ ରାସ୍ତାରୋକ କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ତାହା ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ନଂ.୫୭୭/୨୩ ରେ ଏକ ମାମଲା ରୁଜୁ କରିଛି। ସେହିପରି ଗତ ୩ତାରିଖ ରାତି ଗୋସାଣିନୂଆଗାଁ ଥାନା ଆମ୍ବମାର୍କେଟ ଛକରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ହିଂଜିଳିକାଟୁ ଥାନା ମହାନଲା ଗ୍ରାମର ସରୋଜ କୁମାର ଦାସ(୨୮)। ଟ୍ରାଫିକ ପୋଲିସ ମୃତଦେହ ଜବତ କରି ନଂ.୬୫୩/୨୩ ରେ ଏକ ମାମଲା ରୁଜୁ କରିଥିଲା। ସେହିପରି ମଙ୍ଗଳବାର ରାତି ସାଢ଼େ ୧୦ ଟା'ରେ ଗେଟବଜାର୍‌ ବୃନ୍ଦାବତୀ ନଗର ମୁଖ୍ୟ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବାପୁଜିନଗରର ସୀମାଞ୍ଚଳ ପାଣିଗ୍ରାହୀ(୪୦)। ପୋଲିସ ମୃତଦେହ ଜବତ କରି ନଂ.୬୫୯/୨୩ରେ ଏକ ମାମଲା ରୁଜୁ କରିଛି। ସେହିପରି ପୋଲିସ ରାଜପଥ ଉପରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଲଗାଯାଇଥିବା ଆଇଟିଏମସି କ୍ୟାମେରାରୁ ଫୁଟେଜ ସଂଗ୍ରହ କରି ତଦନ୍ତ କରୁଥିବା କହିଛି।

## ଆଇନ ଶୃଙ୍ଖଳା ନିୟନ୍ତ୍ରଣ କ୍ଷେତ୍ରରେ ଭୂମିକା ପ୍ରଶଂସନୀୟ



ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

### ଗୃହରକ୍ଷୀ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର, ୬।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଆମ୍ବପୁଆ ରିଜର୍ଭ ପୋଲିସ ପଡ଼ିଆରେ ବୁଧବାର ୬୧ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ରହ୍ମପୁର ଏସ୍‌ପି ତଥା ଗୃହରକ୍ଷୀଙ୍କ କମାଣ୍ଡାଣ୍ଟ ଡ. ସର୍ବଣା ବିବେକ ଏମ'ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଛି। ଏଥିରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଗୃହରକ୍ଷୀମାନଙ୍କ ସମାଜ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୋଦ୍ଧାମାନଙ୍କୁ ସାହାଯ୍ୟ ପାଇଁ ବ୍ରିଟିଶ ସରକାର ସ୍ୱେଚ୍ଛାସେବୀ ସଙ୍ଗଠନ ଭାବେ ଗୃହରକ୍ଷୀ ବାହିନୀ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ବାହିନୀ ସମାଜ ସୁରକ୍ଷା ପାଇଁ ନିୟୋଜିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ମରୁଡି ଠାରୁ ଆରମ୍ଭ କରି ମହାମାରୀ କୋଭିଡ ସମୟରେ ଗୃହରକ୍ଷୀଙ୍କ କାର୍ଯ୍ୟ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିପରି ଏସ୍‌ପି କହିଥିଲେ ଯେ, ଗୃହରକ୍ଷୀ ବାହିନୀ ସବୁ ସମୟରେ ପୋଲିସକୁ ସହଯୋଗ କରି ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ସହଯୋଗ କରୁଛନ୍ତି। ଆଗାମୀ ଦିନରେ ମଧ୍ୟ ଏଭଳି ନିଷ୍ଠାପର ସେବା ଜାରି ରହୁ ବୋଲି ସେ ଆହ୍ୱାନ ଦେଇଥିଲେ। ଏ ଅବସରରେ ୧୫ ଗୃହରକ୍ଷୀଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧ହଜାର ଟଙ୍କା ଆର୍ଥିକ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ରମେଶ ସେଠୀ, ଅସୀମ ପଣ୍ଡା, ସମସ୍ତ ଏସଡିପିଓ, ଡିଏସପି ସମେତ ରିଜର୍ଭ ଇନ୍ସପେକ୍ଟର୍‌ (ଆରଆଇ) ଏମ.ଲକ୍ଷ୍ମୀ ରଞ୍ଜନ, ଗୃହରକ୍ଷୀ ପାଇଁ ରହିଥିବା ଆରଆଇ ମାନବୀର ସାଗର ବାଗେ ପ୍ରମୁଖ ଉପସ୍ଥିତ ଥିଲେ। ଗୃହରକ୍ଷୀ ଆରଆଇ ପରେଡ଼ ପରିଚାଳନା କରିଥିଲେ।

## କଲେଜରେ ପଶିଲା ବର୍ଷା ପାଣି

ବ୍ରହ୍ମପୁର,୬।୧୨(ସ୍ମୃତି ରଞ୍ଜନ ମହାଲିକ)

ବାତ୍ୟା ମିଗଜୋମ ପ୍ରଭାବରେ ପ୍ରବଳ ବର୍ଷିଛି। ବ୍ରହ୍ମପୁର ସହର ବେହାଲ ହୋଇପଡିଛି। ଫଳରେ ସହରର ବିଭିନ୍ନ ରାସ୍ତାରେ କୃତ୍ରିମ ବନ୍ୟା ଦେଖାଦେଇଛି। ସହରର ଧର୍ମନଗର, ଗାନ୍ଧୀନଗର, କମାପଲୀ, ଅଶୋକ ନଗର, ନୂଆ ବସ ଷ୍ଟାଣ୍ଡ ଆଦି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଅପରାହ୍ନ ୨ଟା ଯାଏଁ ବର୍ଷା ଲାଗି ରହିବା କାରଣରୁ ଯାତାୟାତ ଠପ ହୋଇଯାଇଥିଲା। ପ୍ରେମ ନଗର ରାସ୍ତାରେ ବହୁ ଯାନବାହନ ନର୍ଦ୍ଦମା ମଧ୍ୟକୁ ଖସି ପଡିଥିଲା। ଉକ୍ତ ରାସ୍ତାରେ ଥିବା ଦୋକାନ ଗୃହରେ ନର୍ଦ୍ଦମା ପାଣି ପଶିଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ବ୍ୟବସାୟୀମାନେ ମୋଟର ପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ। ସହରର ଗାନ୍ଧୀନଗର ଅଂଚଳରେ ଘରେ ଘରେ ପାଣି ପଶିଥିଲା। ଏହି ଅଂଚଳରେ ବର୍ଷା ପାଣି ନିଷ୍କାସନ ନେଇ ବିଏମସି ପକ୍ଷରୁ ବାରମ୍ବାର ଯୋଜନା କରୁଛି। କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିସହ ମୁଖ୍ୟ ରାସ୍ତା ଉପରେ ପାର୍କିଂ କରାଯାଇଥିବା ଗାଡିଗୁଡିକ ମଧ୍ୟ ବୁଡିଯାଇଥିଲା। ସେହିପରି ମହାମାୟୀ ମହିଳା କଲେଜରେ ବର୍ଷା ଜଳ ପଶି କାର୍ଯ୍ୟାଳୟ ମଧ୍ୟରେ ବର୍ଷା ଜଳର ସୁଅ ଛୁଟିଥିଲା। ଫଳରେ ପାଠ ପଢା ବ୍ୟାହତ ସାଙ୍ଗକୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହିପରି ସହରର ବିଭିନ୍ନ ବିଦ୍ୟାଳୟରେ ନର୍ଦ୍ଦମା ପାଣି ଜମି ରହିଥିଲା। ଯାହାଦ୍ୱାରା ସ୍କୁଲ ଛୁଟି ସମୟରେ ଛାତ୍ରୀଛାତ୍ରଙ୍କ ଯାତାୟାତରେ ବାଧା ଉପୁଜୁଥିଲା। ନିଗମ ପକ୍ଷରୁ ଅନେକ ଅର୍ଦ୍ଧ ନିର୍ମିତ ଡ୍ରେନ ଓ ରାସ୍ତା କାରଣରୁ ସାମାନ୍ୟା ବର୍ଷା ହେଲେ କୃତ୍ରିମ ବନ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି। ବର୍ଷାକୁ ଆଖି ଆଗରେ ବିଏମସି ପକ୍ଷରୁ ଆଗୁଆ ସଫେଇ ଅଭିଯାନ କରାଯାଉଛି। କିନ୍ତୁ ତାହା ଫଳପ୍ରଦ ହୋଇପାରୁ ନାହିଁ।

## ବିକାଶ ବିଳମ୍ବରୁ ଯାତ୍ରୀ ହଟହଟା

ବ୍ରହ୍ମପୁର,୬।୧୨ (ସ୍ମୃତି ରଞ୍ଜନ ମହାଲିକ)



ପ୍ଲାଟଫର୍ମ ତଳେ ରହିଥିବା ମୁକୁଳା ଡ୍ରେନ।

### ବ୍ରହ୍ମପୁର ରେଳ ଷ୍ଟେଶନ

ଦକ୍ଷିଣ ଓଡିଶାର ପ୍ରମୁଖ ବ୍ରହ୍ମପୁର ରେଳ ଷ୍ଟେଶନର ବିକାଶ କାର୍ଯ୍ୟ ଶୀଘ୍ର ସାରିବାକୁ ଓଡ଼ିଶା ଡେଭଲପମେଣ୍ଟ ଫୋରମ ପକ୍ଷରୁ ଦାବି ଉଠିଛି।

ବ୍ରହ୍ମପୁର ଷ୍ଟେଶନ ଦେଇ ପ୍ରତ୍ୟହ ୧୦୦ ଟ୍ରେନ ଯାତାୟାତ କରୁଛି। ଦୈନିକ ୧୫ ଲକ୍ଷ ଟଙ୍କାର ଟିକଟ ବିକ୍ରି ହେଉଥିବା ଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଷ୍ଟେଶନର ବିକାଶ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ୯ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏଥିରେ ଷ୍ଟେଶନ ବାହାରେ ଯାନବାହନ ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ଜାରି ରହିଛି। କିନ୍ତୁ ଏହି କାର୍ଯ୍ୟ ବିଳମ୍ବରୁ ଷ୍ଟେଶନକୁ ଆସୁଥିବା ଯାତ୍ରୀ ପାର୍କିଂ ପାଇଁ ହଇରାଣ ହେଉଛନ୍ତି। ଗାଡି ଚୋରି ବି ବଢ଼ିଛି। ସେହିପରି ଷ୍ଟେଶନ ଭିତରେ ବି ଅନେକ ସମସ୍ୟା ଲାଗି ରହିଛି। ଡ୍ରେନଗୁଡିକ ଭାଙ୍ଗି ରୁଜି ଯାଇ ଖୋଲା ପଡିରହିଛି। ବିଶେଷ କରି ସକାଳେ ମେମୁ ଟ୍ରେନ ଆସିବା ସମୟରେ ବେଆଇନ ଭାବେ ଯାତ୍ରୀମାନେ ସିଟ ପାଇଁ ଦୌଡ଼ି ଚଢିବା ସମୟରେ ଡ୍ରେନରେ ପଡି ଆହତ ହେଉଛନ୍ତି। ସେହିପରି ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଯାତ୍ରୀ ରେଳ ଲାଇନ ପାର ହେବା ସମୟରେ ମଧ୍ୟ ଖୋଲା ନର୍ଦ୍ଦମାରେ ପଡୁଥିବା ଅଭିଯୋଗ ହେଉଛି। ୧ରୁ ୪ନଂ ପ୍ଲାଟଫର୍ମର ଅନେକ ସ୍ଥାନରେ ଟିଣ ଛାତ ନଥିବାରୁ ଯାତ୍ରୀ ଖୋଲା ଆକାଶ ତଳେ ଟ୍ରେନକୁ ଅପେକ୍ଷା କରୁଛନ୍ତି। ଷ୍ଟେଶନ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଓଡିଶା ଡେଭଲେପମେଣ୍ଟ ଫୋରମ ଅଭିଯୋଗ କରି ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ଦାବି କରିଛି।

## ବନ୍ଧୁକ ଲଗାଇ ଗାଡ଼ିଚାଳକଙ୍କଠାରୁ ୨ ଲକ୍ଷ ଲୁଟିଲେ

ଗୋପାଳପୁର,୬।୧୨(ନବୀନ ରାଜ ଆଚାରୀ)

ଗତ ସୋମବାର ଗୋଳନ୍ଥରା ଥାନା ଅନ୍ତର୍ଗତ ଚିକିଟି- ବ୍ରହ୍ମପୁର ରାସ୍ତାର ଘଟକେଶ୍ୱର ରାସ୍ତା ନିକଟରେ ଟାଟା ଏସି ଗାଡି ଚାଳକଙ୍କୁ ୬ ଜଣ ଦୁର୍ବୃତ୍ତ ମୁଣ୍ଡରେ ବନ୍ଧୁକ ଲଗାଇ ଲକ୍ଷାଧିକ ଟଙ୍କା ଲୁଟିଥିବା ନେଇ ଅଭିଯୋଗ ହୋଇଛି। ସୋମବାର ବ୍ରହ୍ମପୁର ପାଣି ଟାଙ୍କି ରୋଡରେ ଥିବା ବେହେରା ଟ୍ରେଡର୍ସ ଦୋକାନରୁ ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହିର ଚାଳକ ବିରହ ବସନ୍ତ ଶତପଥୀ ଏକ ଟାଟା ଏସି ଗାଡ଼ି(ଓଡି ୦୯ ଜେଡ ୩୪୩୮) ଯୋଗେ ଲୁହା ପାଇପ ଧରି ଜୟନ୍ତୀପୁର ଯାଇଥିଲେ। ରାତି ୯ ଟା ବେଳେ ଘଟକେଶ୍ୱର ରାସ୍ତାରେ ବ୍ରହ୍ମପୁର ଫେରୁଥିବା ବେଳେ ରାସ୍ତାରେ ଜଣେ ମହିଳା ଗାଡ଼ି ଅଟକାଇ ଥିଲେ। ଚାଳକ ବିରହ ବସନ୍ତ ଗାଡି ଅଟକାଇବା ପରେ ସେଠାରେ ଛପି ରହିଥିବା ପାଞ୍ଚ ମୁଖା ପିନ୍ଧା ଯୁବକ ସେଠାରେ ପହଞ୍ଚି ବସନ୍ତଙ୍କ ମୁଣ୍ଡରେ ବନ୍ଧୁକ ସହ ଖଣ୍ଡା ଲଗାଇ ୨ ଲକ୍ଷ ୧୦ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଛଡାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏ ନେଇ ବସନ୍ତ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୩୩/୨୩ରେ ଏକ ମାମଲା ରୁଜୁ କରିବା ତଦନ୍ତ ଚଳାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ନାବାଳିକା ବଳାତ୍କାର ମାମଲା: ବାପ-ପୁଅ ନିର୍ଦ୍ଦୋଷ

ବ୍ରହ୍ମପୁର, ୬।୧୨(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୫ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ଚୂଡାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଥିବା ବାପ-ପୁଅଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସୋରଡ଼ା ଅଞ୍ଚଳର ଶଙ୍କର ସିଂ ଓ ତାଙ୍କ ପୁଅ ତଥା ମୁଖ୍ୟ ଅଭିଯୁକ୍ତ ସଚିନ ସିଂ। ସୋରଡ଼ା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ ଜଣେ ଯୁବକ ଏକ ତରଫା ପ୍ରେମ କରୁଥିଲେ। ଉକ୍ତ ନାବାଳିକାଙ୍କ ବିବାହ ପାଇଁ ୨୦୧୫ ଏପ୍ରିଲ ୨୧ ତାରିଖ ଦିନ ସ୍ଥିର ହୋଇଥିଲା। ଯୁବକ ଜଣଙ୍କ ୨୦ ତାରିଖ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନଂ.୪୮/୧୫ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ନାବାଳିକା ଜଣଙ୍କ ବେଗୁନିଆପଡ଼ା ଥାନା ଅଞ୍ଚଳରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ଘଟଣାର ସପ୍ତାହ ପରେ ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିବା ସହ ଯୁବକଙ୍କୁ ମଧ୍ୟ କାବୁ କରିଥିଲା। ପିଡ଼ିତାଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ନାବାଳିକାଙ୍କୁ ଅପହରଣ କରାଇବାରେ ପିତା ଶଙ୍କର ତାଙ୍କ ପୁଅଙ୍କୁ ସହଯୋଗ କରିଥିଲେ। ସଚିନ ଘଟଣା ଦିନ ନାବାଳିକାଙ୍କୁ ନେଇ ପ୍ରଥମେ ବ୍ରହ୍ମପୁର ଆସିଥିଲେ। ପରେ ମର୍ଦ୍ଦକୋଟ ନେଇ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ସେଠାରେ ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିବା ପିଡ଼ିତା ପୋଲିସକୁ ବୟାନ ଦେଇଛନ୍ତି। ପୋଲିସ ୨୦୧୫ ଏପ୍ରିଲ ୨୯ ତାରିଖରେ ସଚିନଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୪ ମାସ ପରେ ପୁଅକୁ ପ୍ରବର୍ତ୍ତାଇ ନାବଳିକାଙ୍କୁ ଅପହରଣ କରିବାରେ ସହଯୋଗ କରିଥିବା ଅଭିଯୋଗରେ ଶଙ୍କର ସିଂ 'ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ବାପା-ପୁଅ ଜାମିନରେ ଛାଡ଼ ପାଇଥିଲେ। ଉକ୍ତ ମାମଲାର ବିଚାରଣା ବେଳେ ୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ପ୍ରେମନଗର ରାସ୍ତା କଦର୍ଯ୍ୟ

ବ୍ରହ୍ମପୁର,୬।୧୨ (ଅଶୋକ କୁମାର ସାହୁ)

### ଅବଧି ସରି ୪ ମାସ ବିତିଲା, କାମ ସରିଲାନି



ରାସ୍ତା କଡ଼େ ଡ୍ରେନ ନିର୍ମାଣ ଚାଲିଛି।

ବ୍ରହ୍ମପୁର ସହରର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଅଜାଡ଼ି ଦେଇଛନ୍ତି। କିନ୍ତୁ ବିକାଶରେ ବିଳମ୍ବ ଦେଖାଦେଉଛି। ଅନେକ ରାସ୍ତା କଦର୍ଯ୍ୟ ଅବସ୍ଥାରେ ଥିବାବେଳେ ରାସ୍ତାକଡ ଡ୍ରେନର ଆବର୍ଜନା ପାଣି ରାସ୍ତାରେ ବହୁଥିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି। ସହରର ପ୍ରମୁଖ ପ୍ରେମନଗର ରାସ୍ତାକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଉଛି।

ଉକ୍ତ ରାସ୍ତା ସବରେଜିଷ୍ଟ୍ରାର ଅଫିସଠାରୁ ପ୍ରେମନଗର ହୋଇ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁମନ୍ଦିର ହୋଇ ଆନ୍ଧ୍ରକୁ ଯାଇଥିବା ଜାତୀୟ ରାଜପଥ ସହିତ ମିଶିଛି। ଉକ୍ତ ରାସ୍ତା ଦେଇ ଆନ୍ଧ୍ରରୁ ବିଭିନ୍ନ ପ୍ରକାର ସାମଗ୍ରୀ ନେଇ ଭାରିଯାନଗୁଡିକ ସହର ମଧ୍ୟରେ ପ୍ରବେଶ କରୁଛି। ଫଳରେ ସମ୍ପୂର୍ଣ୍ଣ ରାସ୍ତା କଦର୍ଯ୍ୟ ହୋଇପଡିଛି। ଡ୍ରେନ ଓ ରାସ୍ତା ଉଭୟ ଏକ ସଙ୍ଗେ ନିର୍ମାଣ ଚାଲିଥିବା ଯୋଗୁ ପ୍ରେମନଗର ସାହି ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବ୍ରହ୍ମପୁରର ୮, ୧୨ ଓ ୧୪ ୱାର୍ଡ ସହିତ ଏହି ରାସ୍ତା ସଂଯୋଗ କରୁଛି। ପ୍ରତ୍ୟହ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ବହୁ ଛାତ୍ରୀଛାତ୍ର ଯିବା ଆସିବା କରୁଛନ୍ତି। ରାସ୍ତା ଅଣ ଓସାରିଆ ହୋଇପଡିଥିବାରୁ ପ୍ରାୟ ସମୟ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ପ୍ରାୟ ୩୦ ଖଣ୍ଡ ଗ୍ରାମର ଲୋକ ଯାତାୟାତ କରୁଛନ୍ତି। ରାସ୍ତାର କିଛି ଅଂଶରେ ଡ୍ରେନର ଆବର୍ଜନା ପାଣି ଚାଲିଥିବାରୁ ଅଞ୍ଚଳର ପରିବେଶ ଦୁର୍ଗନ୍ଧମୟ ହୋଇ ଉଠିଛି। ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ରାସ୍ତା କଦର୍ଯ୍ୟ ହୋଇଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ତତ୍ପରତା ନ ଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୦୧୬ରୁ ଏହି ରାସ୍ତା ନବୀକରଣ ହେବା ଯୋଜନା ଥିଲା। କିନ୍ତୁ କୌଣସି କାରଣରୁ ହୋଇପାରି ନ ଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ଆସିବା ପରେ ରାସ୍ତା ନିର୍ମାଣ ବିଏମସି ଅଧୀନରେ ତିଆରି ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ହୋଇ ଗତ ଜାନୁୟାରୀରେ କାର୍ଯ୍ୟ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଏସ୍‌ଇ ସୋମନାଥ ତ୍ରିପାଠୀ କହିଛନ୍ତି, ଭୁବନେଶ୍ୱରର କେ.ବି.ଏମ୍‌ କନଷ୍ଟ୍ରକଶନ ଟେଣ୍ଡର ପାଇଛି। ଠିକାଦାର ସୁବାସ ମହାନ୍ତି ଏହି କାମ କରୁଛନ୍ତି। ଉକ୍ତ ରାସ୍ତା ପାଇଁ ୨୨ କୋଟି ଟଙ୍କା ଅନୁଦାନ ଆସିଛି। ରାସ୍ତା ସାରିବାର ଅବଧି ୨୦୨୩ ଅଗଷ୍ଟ ୮ ତରିଖ ଥିବାବେଳେ ୪ ମାସ ଅତିକ୍ରମ କରିଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା କାମ ସାରିବା ଲକ୍ଷ୍ୟ ରହିଛି ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

